# ଅପହରଣ ନୁହେଁ, ୨ ଭାଇଙ୍କୁ ନେଲା କର୍ଣ୍ଣାଟକ ପୋଲିସ

- ଗଞ୍ଜେଇ ଚୋରା ଚାଲାଣ ମାମଲାରେ ପଚରାଉଚୁରା
- ବିଶାଖାପାଟଣାରୁ ଫେରିଲା ଗଞ୍ଜାମ ପୋଲିସ

ଛତ୍ରପୁର,୨୨।୭ (ସନ୍ତୋଷ ପାଢ଼ୀ)

ଗଞ୍ଜାମ ଥାନା ପୁଇଁତଳା ଛକରେ ଏକ ଢାବା ନିକଟରେ ଥିବା ଚା ଓ ପାନ ଦୋକାନରୁ ୨ ଭାଇଙ୍କୁ ଶୁକ୍ରବାର ରାତିରେ କେହି ଦୁର୍ବୃତ୍ତ ମାଉଜର ଦେଖାଇ ଅପହରଣ କରିନେଇଥିବା ଅଭିଯୋଗ ହୋଇଥିଲା । ମାତ୍ର ଏହା ଅପହରଣ ନୁହେଁ ବୋଲି ଗଞ୍ଜାମ ପୋଲିସ ମୁଖ୍ୟାଳୟ ପକ୍ଷରୁ ଶନିବାର ଗଣମାଧ୍ୟମକୁ ଦିଆଯାଇଥିବା ସୂଚନାରେ ସ୍ପଷ୍ଟ କରାଯାଇଛି । କର୍ଣ୍ଣାଟକକୁ ଗଞ୍ଜେଇ ଚୋରାଚାଲାଣ ମାମଲାରେ ଅଧିକ ପଚରାଉଚୁରା ପାଇଁ ସେଠାକାର ପୋଲିସ ୨ ଭାଇ କୃଷ୍ଣଚନ୍ଦ୍ର ସାହୁ ଓ ପଞ୍ଚୁ ସାହୁଙ୍କୁ ଉଠାଇ ନେଇଥିବା ସୂଚନା ଦିଆଯାଇଛି ।

ଗଞ୍ଜାମ ଏସ୍‌ପିଙ୍କ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ କର୍ଣ୍ଣାଟକର ବେଙ୍ଗାଲୁର ହ୍ୱାଇଟଫିଲ୍ଡ ଥାନା ପକ୍ଷରୁ ଜୁଲାଇ ୯ ତାରିଖରେ ଗଞ୍ଜେଇ ଚୋରା ଚାଲାଣ ନେଇ ଏକ ମାମଲା (୨୧୧/୨୦୨୩) ରୁଜୁ ହୋଇଥିଲା । ଏହି ମାମଲାରେ ଶୁକ୍ରବାର ରାତିରେ ପୁଇଁତଳା ଛକ ଢାବା ନିକଟ ଚା ଓ ପାନ ଦୋକାନରୁ ୨ ଭାଇ କୃଷ୍ଣଚନ୍ଦ୍ର ଓ ପଞ୍ଚୁଙ୍କୁ ସେଠାକାର ପୋଲିସ ଏକ କାର୍‌ରେ ନେଇଯାଇଥିଲା । ଉକ୍ତ ୨ ଭାଇଙ୍କୁ ଅପହରଣ କରାଯାଇଥିବା ଏବଂ ସେମାନଙ୍କୁ ମୁକୁଳାଇବା ଦାବି ନେଇ ସ୍ଥାନୀୟ ଲୋକେ ୧୬ ନମ୍ବର ଜାତୀୟ ରାଜପଥକୁ ଶୁକ୍ରବାର ରାତିରେ ଅବରୋଧ କରିଥିଲେ । ଫଳରେ ଶତାଧିକ ଯାନବାହାନ ଘଣ୍ଟା ଘଣ୍ଟା ଧରି ଅଟକି ରହିଥିଲା । ଦୀର୍ଘ ସମୟ ପରେ ପୋଲିସ ଠାରୁ ପ୍ରତିଶ୍ରୁତି ମିଳିବାରୁ ଅବରୋଧ ହଟିଥିଲା । ଏହାପରେ ଅତିରିକ୍ତ ଏସପି ଅଜୟ ମିଶ୍ର ଓ ସଂଗ୍ରାମ କେଶରୀ ବେହେରାଙ୍କୁ ଏହି ମାମଲାର ମନିଟରିଂ ଦାୟିତ୍ୱ ଦିଆଯାଇଥିଲା । ଛତ୍ରପୁର ଏସଡିପିଓଙ୍କ ନେତୃତ୍ୱରେ ଛତ୍ରପୁର, ଗଞ୍ଜାମ ଓ ଚମାଖଣ୍ଡି ଥାନା ଅଧିକାରୀମାନଙ୍କୁ ନେଇ ଟିମ୍ ଗଠନ ହୋଇ ତଦନ୍ତ ଜାରି ରହିଥିଲା । ତଦନ୍ତ ପରେ ଉକ୍ତ ୨ ଭାଇ ବିଶାଖାପାଟଣାର ଏକ ହୋଟେଲରେ ଥିବା ଟ୍ରାକିଂରୁ ଗଞ୍ଜାମ ପୋଲିସ ଟିମ୍ ଜାଣି ପାରିଥିଲା । ସେମାନେ କର୍ଣ୍ଣାଟକ ପୋଲିସ ହେପାଜତରେ ଥିବା ରାତିରେ ବିଶାଖାପାଟଣାରେ ପହଞ୍ଚି ଗଞ୍ଜାମ ପୋଲିସ ଟିମ୍ ଦେଖିବାକୁ ପାଇଥିଲା । ଶନିବାର ବେଙ୍ଗାଲୁର ପୋଲିସ ଓ ଗଞ୍ଜାମ ପୋଲିସ ଏବଂ ଉକ୍ତ ୨ ଭାଇ ବିଶାଖାପାଟଣା ଜିଲା ଏମପିଭି ପୋଲିସ ଥାନାକୁ ଯାଇଥିଲେ । ଗଂଜେଇ ଚୋରା ଚାଲାଣ ମାମଲାରେ ଅଧିକ ପଚରାଉଚୁରା ପାଇଁ ୨ ଭାଇଙ୍କୁ କର୍ଣ୍ଣାଟକ ନେଉଛୁ ବୋଲି ବେଙ୍ଗାଲୁର ପୋଲିସ ଟିମ୍‌ର ନେତୃତ୍ୱ ନେଉଥିବା ଏସ୍‌ଆଇ ଜଣଙ୍କ ଗଞ୍ଜାମ ଥାନା ଆଇଆଇସିଙ୍କୁ ଲିଖିତ ଭାବେ ଜଣାଇଥିଲେ । ପରେ ଗଞ୍ଜାମ ପୋଲିସ ଫେରିଛି । ୨ ଭାଇଙ୍କୁ ବେଙ୍ଗାଲୁର ହ୍ୱାଇଟ୍‌ଫିଲ୍ଡ ଥାନାକୁ ନିଆଯାଇଥିବା ସୂଚନା ଦିଆଯାଇଛି ।

ସୂଚନାଯୋଗ୍ୟ, ସ୍ଥାନୀୟ ପୋଲିସ କିମ୍ବା ଗଞ୍ଜାମ ଏସପିଙ୍କୁ ନ ଜଣାଇ କର୍ଣ୍ଣାଟକ ପୋଲିସ ରାତିରେ ହଠାତ ୨ ଜଣଙ୍କୁ କାର୍ ଯୋଗେ ନେଇଯାଇଥିବାରୁ ଲୋକେ ଏହାକୁ ଅପହରଣ ବୋଲି ଅଭିଯୋଗ କରି ଜାତୀୟ ରାଜପଥ ଅବରୋଧ କରିଥିଲେ । ଏହି ଘଟଣାରେ ଗଞ୍ଜାମ ପୋଲିସକୁ ମଧ ନାକେଦମ ହେବାକୁ ପଡ଼ିଛି ।



କୃଷ୍ଣଚନ୍ଦ୍ର ସାହୁ ଓ ପଞ୍ଚୁ ସାହୁ ।

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

bmpselfie@gmail.com



@ କୁରେଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ ।

## ଆଜି କ'ଣ କେଉଁଠି

**ବ୍ରହ୍ମପୁର**

- ରୋଟାରୀ ଇନଷ୍ଟାଲେସନ ଉତ୍ସବ । ସ୍ଥାନ–ଧର୍ମନଗର, ସମୟ–ସନ୍ଧ୍ୟା ୬ଟା ।
- ବିଜୁଳି କର୍ମଚାରୀ ସଂଘର ଖବରଦାତା ସମ୍ମିଳନୀ । ସ୍ଥାନ–ଉତ୍କଳ ଆଶ୍ରମ, ସମୟ–ପୂର୍ବାହ୍ନ ୧୧ଟା ।

**ଭଞ୍ଜନଗର**

- ଆନ୍ତଃଜିଲା ଲେଖକ ସମ୍ମିଳନୀ, ସ୍ଥାନ–ବଡ଼କୋଦଣ୍ଡା ହାଇସ୍କୁଲ, ସମୟ– ପୂର୍ବାହ୍ନ ସାଢ଼େ ୧୦ଟା ।

# ଏମ୍‌କେସିଜିରେ ଦୁର୍ନୀତି ଅଭିଯୋଗ

ଯୁଗ୍ମ ତଦନ୍ତରେ ହାଜର ହେବାକୁ ଡିନ୍ ଓ ନର୍ସିଂ ଅଫିସରଙ୍କୁ ନିର୍ଦ୍ଦେଶ

ବ୍ରହ୍ମପୁର,୨୨।୭ (ସୁବାସ ଚନ୍ଦ୍ର ପାଢ଼ୀ)

ମହାରାଜା କୃଷ୍ଣଚନ୍ଦ୍ର ଗଜପତି(ଏମ୍‌କେସିଜି) ମେଡିକାଲ କଲେଜ ଓ ହସ୍ପିଟାଲରେ ବହୁ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା । ବ୍ରହ୍ମପୁରରୁ ମୋହିତ କୁମାର ପଣ୍ଡା ଓ ରାମଚନ୍ଦ୍ର ପ୍ରଧାନଙ୍କ ସହ ବହୁଲୋକ ଏ ନେଇ ନର୍ସିଂ ନିର୍ଦ୍ଦେଶକଙ୍କ ନିକଟକୁ ଅଭିଯୋଗପତ୍ର ପଠାଇଥିଲେ । ଏହାକୁ ଆଧାର କରି ଯୁଗ୍ମ ତଦନ୍ତ କରାଯିବ ବୋଲି ନର୍ସିଂ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରୁ ଚିଠି ହୋଇଛି । ଚିଠି ସଂଖ୍ୟା ୨୭୫୭ ଅନୁସାରେ ଯୁଗ୍ମ ତଦନ୍ତରେ ଏମ୍‌କେସିଜି ପୂର୍ବତନ ଅଧୀକ୍ଷକ ତଥା ବର୍ତ୍ତମାନର ଡିନ୍ ପ୍ରଫେସର ଡା.ସନ୍ତୋଷ କୁମାର ମିଶ୍ର, ନର୍ସିଂ ଅଫିସର ଅଶ୍ୱିନୀ କୁମାର ଦାସ ଓ କନକଲତା ଦାସଙ୍କୁ ହାଜର ହେବାକୁ ନିର୍ଦ୍ଦେଶ ରହିଛି । ଆସନ୍ତା ୨୫ତାରିଖରେ ଭୁବନେଶ୍ୱର ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ ।

ଏମକେସିଜିରେ ବିଭିନ୍ନ କାର୍ଯ୍ୟରୁ ପିସି ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି । ମାନସିକ ରୋଗ ବିଭାଗରେ ୨ ଜଣ ନର୍ସିଂ ଅଫିସର ଠିକ୍ ଭାବେ କାମ କରୁ ନ ଥିବା ବି ଅଭିଯୋଗ ହୋଇଥିଲା । ୨ଜଣ ନର୍ସିଂ ଅଫିସରଙ୍କୁ ଅଧୀକ୍ଷକ ସହଯୋଗ କରୁଥିଲେ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି । ଏପରିକି କୋଭିଡ୍ ସମୟରେ ମେଡିସିନ ବାବଦରେ ଲକ୍ଷାଧିକ ଟଙ୍କା ମିଛ ବିଲ୍ ହୋଇଥିବା ଅଭିଯୋଗ ହୋଇଛି । ରୋଗୀଙ୍କୁ ନିମ୍ନମାନର ଖାଦ୍ୟ ଯୋଗାଣ ବରିଷ୍ଠତା ଅନୁସାରେ ଇନଚାର୍ଜ ନିଯୁକ୍ତି ଦିଆଯାଇନାହିଁ ବୋଲି ଅଭିଯୋଗ ହୋଇଛି । ସେପଟେ ଅଭିଯୋଗକୁ ନେଇ ଏମକେସିଜି ଡିନ୍ ପ୍ରଫେସର ଡା.ସନ୍ତୋଷ କୁମାର ମିଶ୍ର କହିଛନ୍ତି, ଯେଉଁ ଚିଠି ନିର୍ଦ୍ଦେଶକଙ୍କ ନିକଟକୁ ଯାଇଛି ସେଥିରେ କାହାର ଠିକଣା ନାହିଁ । ତେଣୁ ଏହି ଚିଠି ଉପରେ ତଦନ୍ତ ହେବା ନିୟମ ନୁହେଁ । ସୋମବାର ଏ ସମ୍ପର୍କରେ ଆଲୋଚନା ପରେ ତଦନ୍ତ ସମ୍ପର୍କରେ ଜଣାପଡିବ । ଅନ୍ୟପକ୍ଷରେ ତଦନ୍ତରେ ସହଯୋଗ କରିବେ ବୋଲି ନର୍ସିଂ ଅଫିସର ଅଶ୍ୱିନୀ କୁମାର ଦାସ କହିଛନ୍ତି ।

## ପୂର୍ବତନ ଆକାଉଣ୍ଟସ୍ ମ୍ୟାନେଜର ଦୋଷୀ

**ଲାଞ୍ଚ ଗ୍ରହଣ ମାମଲା**

ବ୍ରହ୍ମପୁର,୨୨।୭ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଡ. ଅରୁଣ କୁମାର ସାହୁ ଏକ ଲାଞ୍ଚ ଗ୍ରହଣ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ସେ ହେଲେ ପାତ୍ରପୁର ବ୍ଲକର ପୂର୍ବତନ ଆକାଉଣ୍ଟସ୍ ମ୍ୟାନେଜର ରଘୁନାଥ ପାଣି । ଜଜ୍ ତାଙ୍କୁ ୩ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ୨୦୧୮ରେ ଜଣେ ବ୍ୟକ୍ତି ବ୍ଲକରେ ଏକ ଗାଡି ଲଗାଇଥିଲେ । ଏହି ଗାଡି ବାବଦ ଅର୍ଥ ପ୍ରଦାନ ଲାଗି ରଘୁନାଥ ଗାଡି ମାଲିକଙ୍କୁ ୩ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ଏ ନେଇ ଗାଡି ମାଲିକ ଭିଜିଲାନ୍ସରେ ଅଭିଯୋଗ କରିଥିଲେ । ଭିଜିଲାନ୍ସ ବିଭାଗ ରଘୁନାଥଙ୍କ ବିରୋଧରେ ୨୦୧୮ ଜୁନ୍ ୪ରେ ମାମଲା ରୁଜୁ କରି ତାଙ୍କୁ ଗିରଫ କରିଥିଲା । ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଦଣ୍ଡାଦେଶ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସୁରେନ୍ଦ୍ର ପଣ୍ଡା ମାମଲା ପରିଚାଳନା କରୁଥିଲେ ।

# ନାବାଳିକା ବଳାତ୍କାର ମାମଲା, ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର,୨୨।୭ (ସୁବାସ ଚନ୍ଦ୍ର ପାଢ଼ୀ)

ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ପ୍ରଭାତ କୁମାର ରାଜଗୁରୁ ଶନିବାର ଏକ ନାବାଳିକା ଛାତ୍ରୀ ବଳାତ୍କାର ମାମଲାର ଶୁଣାଣିକରି ସାକ୍ଷ୍ୟ ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି । ସେ ହେଲେ ଦିଗପହଣ୍ଡି ଥାନା ଅନ୍ତର୍ଗତ ଭୀଷ୍ମଗିରିର ସୀମାଞ୍ଚଳ ମହାନ୍ତି ।

ପ୍ରକାଶ ଯେ, ସଦର ଥାନା ଅଞ୍ଚଳରେ ରହି ଏକ ସରକାରୀ କଲେଜରେ ପଢୁଥିବା ଜଣେ ଯୁକ୍ତ୨ଛାତ୍ରୀ ୨୦୨୧ ଜୁନ ୮ରେ କଲେଜ ଯାଇ ଘରକୁ ଫେରି ନ ଥିଲେ । ପରିବାର ଲୋକ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ଝିଅକୁ ନ ପାଇବାରୁ ସଦର ଥାନାରେ ଅଭିଯୋଗ କରିଥିଲେ । ପୋଲିସ ୧୮୨/୨୧ରେ ଏକ ମାମଲା ରୁଜୁ କରିଥିଲା । କିଛିମାସ ପରେ ପୋଲିସ ପୀଡ଼ିତା ଛାତ୍ରୀଙ୍କୁ ଉଦ୍ଧାର କରିବା ସହ ସୀମାଞ୍ଚଳଙ୍କୁ କାବୁ କରିଥିଲା । ସୀମାଞ୍ଚଳ ନାବାଳିକାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କୁ ନେଇ ରାୟଗଡାରେ ଏକ ଭଡାଘରେ ରଖି ବଳାତ୍କାର କରିଥିଲେ ବୋଲି ପୀଡ଼ିତା ଜଣଙ୍କ ଥାନାରେ ବୟାନ ଦେଇଥିଲେ । ପୋଲିସ ଏହାକୁ ଆଧାର କରି ସୀମାଞ୍ଚଳଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା । ପରେ ତାଙ୍କୁ ଜାମିନ ମିଳିଥିଲା । ମାମଲାର ବିଚାର ବେଳେ ୧୦ଜଣ ସାକ୍ଷୀଙ୍କ ବୟାନ ରେକର୍ଡ ହୋଇଥିଲା । ତେବେ ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ସୀମାଞ୍ଚଳଙ୍କୁ ଜଜ୍ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି । ମୁଦାଲାଙ୍କ ପକ୍ଷରୁ କୃଷ୍ଣପ୍ରସାଦ ପଟ୍ଟନାୟକ ଓ ଅଲେଖ ବେହେରା ମକଦ୍ଦମା ପରିଚାଳନା କରିଥିଲେ ।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ଜଣେ ମୃତ, ୧ ଗୁରୁତର

**ସୋରଡା,୨୨।୭ (ଲମ୍ବୋଦର ପାଣିଗ୍ରାହୀ):** ସୋରଡା-ଆସିକା ୫୯ ନମ୍ବର ଜାତୀୟ ରାଜପଥ ପଙ୍କାଳ ନିକଟରେ ଶନିବାର ସନ୍ଧ୍ୟାରେ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି । ମୃତକ ହେଲେ ବିଶନୁପୁର ଗ୍ରାମର ରାଉଳ ପ୍ରଧାନ । ସେହି ଗ୍ରାମର ଶିବ ପ୍ରଧାନଙ୍କୁ ଅଧିକ ଚିକିତ୍ସା ପାଇଁ ରାସ୍ତା ବ୍ରହ୍ମପୁର ପଠାଯାଇଛି । ପ୍ରକାଶ ଯେ, ବାଇକ୍ ସହ ୨ ଜଣ ରାସ୍ତାକଡ଼େ ଗୁରୁତର ଅବସ୍ଥାରେ ପଡ଼ିଥିବା ବେଳେ ଜଣେ ଅଟୋ ଡ୍ରାଇଭର ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

### ନୂତନ ଥାନା ଅଧିକାରୀଙ୍କ ଯୋଗଦାନ

**ଆସିକା,୨୨।୭ (ସୁରେନ୍ଦ୍ର ନାଥ ସାହୁ):** ଦେଶରେ ଶ୍ରେଷ୍ଠ ଥାନାର ମାନ୍ୟତା ହାସଲ କରିଥିବା ଆସିକା ଆଦର୍ଶ ଥାନାର ଥାନା ଅଧିକାରୀ ଭାବେ ପି. ସ୍ୱରୁପ କିସନ ଶନିବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ଏହାପୂର୍ବରୁ ରମ୍ଭା ଥାନାରେ ଥାନା ଅଧିକାରୀ ଭାବେ କର୍ତ୍ତବ୍ୟରତ ଥିଲେ । ଏଠାରେ ଥାନା ଅଧିକାରୀ ଥିବା ପ୍ରଶାନ୍ତ କୁମାର ସାହୁଙ୍କ ପଦୋନ୍ନତି ପାଇ ଡିଏସପି ଭାବେ ପୁରୀ ବଦଳି ହୋଇଥିବା ଜଣାଯାଇଛି ।

# ସଂସ୍କୃତି ସୁରକ୍ଷା ସମିତି ପକ୍ଷରୁ ବୁଦ୍ଧିଜୀବୀ ସମ୍ମିଳନୀ



ସମ୍ମିଳନୀରେ ଉପସ୍ଥିତ ବୁଦ୍ଧିଜୀବୀ ।

ବ୍ରହ୍ମପୁର,୨୨।୭ (ସ୍ମୃତି ରଞ୍ଜନ ମହାଲିକ)

ସଂସ୍କୃତି ସୁରକ୍ଷା ସମିତି ବ୍ରହ୍ମପୁର ଶାଖା ପକ୍ଷରୁ ଶନିବାର ପ୍ରେମନଗରସ୍ଥିତ ରୋଟାରୀ କମ୍ୟୁନିଟି ହଲ ପରିସରରେ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଡା ପ୍ରଶାନ୍ତ କୁମାର ପତି ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ରୂପେ ଡ. ସନ୍ତୋଷ କୁମାର ଦାସ ଯୋଗ ଦେଇଥିଲେ । ଦେଶରେ ପରମ୍ପରା ଅନୁସାରେ ସମାନ ନାଗରିକତ୍ୱର ବିଶେଷତ୍ୱ ଉପରେ ମୁଖ୍ୟ ଅତିଥି ଆଲୋକପାତ କରିଥିଲେ । ଆଇନଜୀବୀ ସର୍ବେଶ୍ୱର ବେହେରା ମୁଖ୍ୟବକ୍ତା ରୂପେ ଯୋଗଦେଇ ସମାନ ନାଗରିକ ସଂହିତାର ପୃଷ୍ଠଭୂମି ଓ ବର୍ତ୍ତମାନ ସମୟରେ ଏହାର ଉପଯୋଗିତା ସମ୍ବନ୍ଧରେ ଦୃଷ୍ଟି ଆକର୍ଷଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିଶିର ପଟ୍ଟନାୟକ, ସୁନୀଲ କୁମାର ଗୌଡ ଓ ସତୀଶ କୁମାର ସାହୁ ପରିଚାଳନାରେ ସହଯୋଗ କରିଥିଲେ । ଏହି ସମ୍ମିଳନୀରେ ପ୍ରାୟ ୨୦୦ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।

## ପୂଜ୍ୟପୂଜା ମହୋତ୍ସବ ପ୍ରସ୍ତୁତି ବୈଠକ

ଆସିକା,୨୨।୭(ସୁରେନ୍ଦ୍ର ନାଥ ସାହୁ)

ସମ୍ଭାବନା ସାରସ୍ୱତ ସାଂସ୍କୃତିକ ସାହିତ୍ୟ ପରିଷଦ ପକ୍ଷରୁ ରାଜ୍ୟର ୨୩ତମ ପୂଜ୍ୟପୂଜା ମହୋତ୍ସବ ଓ ରାଜ୍ୟସ୍ତରୀୟ କବି କଳାକାର ସମାବେଶ ସଂଯୋଗ ପ୍ରସ୍ତୁତି ବୈଠକ ଶନିବାର ସଂଘର ଚିନିଶିଳ୍ପ ନୂଆଗାଁସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ଏହି କାର୍ଯ୍ୟକ୍ରମ ଲାଗି ସ୍ଥାନ ନିରୂପଣ, ଅତିଥି ଚୟନ ଏବଂ ସଂଘର ଜଣେ ସଦସ୍ୟ ସ୍ୱର୍ଗତ ଅଭିମନ୍ୟୁ ଗୌଡଙ୍କ ସ୍ମୃତି ଉଦ୍ଦେଶ୍ୟରେ ହେବାକୁ ଥିବା କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଉପସଭାପତି ଶରତ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂପାଦକ ରବୀନ୍ଦ୍ର କୁମାର ମଲ୍ଲ, ବଂଶୀଧର ନାହାକ, ବିଦ୍ଧିରାମ ନାହାକ, ପ୍ରଶାନ୍ତ ନାୟକ, ମୃତ୍ୟୁଞ୍ଜୟ ରଥ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ଶିକ୍ଷକ ସଂଘ ବୈଠକ



ବୈଠକରେ ଉପସ୍ଥିତ ସଂଘ କର୍ମକର୍ତ୍ତା ।

ଆସିକା,୨୨।୭ (ସୁରେନ୍ଦ୍ର ନାଥ ସାହୁ)

ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ଏକ ସାଙ୍ଗଠନିକ ଓ ସାମ୍ବିଧାନିକ ସମ୍ମିଳନୀ ଶନିବାର ସ୍ଥାନୀୟ ସାବିତ୍ରୀ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବ୍ଲକ ଗ୍ରାଣ୍ଟ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ସମାଧାନ ଦିଗରେ ରାଜ୍ୟ ସରକାରଙ୍କ ହେୟ ମନୋଭାବକୁ ନେଇ କ୍ଷୋଭ ପ୍ରକାଶ କରାଯାଇଥିଲା । ଶିକ୍ଷକମାନଙ୍କ ନିମନ୍ତେ ପୁରୁଣା ପେନସନ ଲାଗୁ କରିବା, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡିକର ସରକାରୀକରଣ ଘୋଷଣା କରିବା, ୨୨୬ ଓ ୩୧୯ ବର୍ଗର ଶିକ୍ଷକଙ୍କୁ ସପ୍ତମ ବେତନ କମିସନ ମୁତାବକ ଦରମା ଦେବା ଏବଂ ୬୫୮ ବର୍ଗର ଶିକ୍ଷକଙ୍କୁ ସରକାରୀ ଘୋଷଣା କରିବା ଲାଗି ବୈଠକରେ ଦାବି କରାଯାଇଥିଲା । ଦାବି ସମୂହକୁ ନେଇ ଅଗଷ୍ଟ ୯ରେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏବଂ ଅଗଷ୍ଟ ୧୬ରେ ରାଜଧାନୀରେ ପିଏମଜି ଛକ ଠାରେ ହେବାକୁ ଥିବା ଦାବି ଦିବସରେ ସମସ୍ତେ ଏକାଠି ହେବା ନିମନ୍ତେ ଆହ୍ୱାନ କରାଯାଇଥିଲା । ଏହି ଅବସରରେ ସଂଘର ବ୍ଲକ କର୍ମକର୍ତ୍ତା ନିର୍ବାଚନ କରାଯାଇ ବିଭୂପ୍ରସାଦ ପଣ୍ଡା, ହିମାଂଶୁ ଶେଖର ମୁନି ଓ ପ୍ରସନ୍ନ କୁମାର ପାଣିଗ୍ରାହୀଙ୍କୁ ଉପଦେଷ୍ଟା, ତାରା ପ୍ରସାଦ ମିଶ୍ର ସଭାପତି, ବବିତାଳି ମିଶ୍ର ଓ ପ୍ରଦୀପ୍ତ ନାୟକ ଉପସଭାପତି ଏବଂ ରାମକୃଷ୍ଣ ପଣ୍ଡା ସଂପାଦକ ଭାବେ ମନୋନିତ ହୋଇଥିଲେ । କାର୍ଯ୍ୟକ୍ରମରେ ସଂଘର ଜିଲ୍ଲା ସଭାପତି ସନ୍ତୋଷ କୁମାର ଜେନା, ସଂପାଦକ ବିଜୟ କୁମାର ବେହେରା, ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ପ୍ରତିନିଧି ଜଗବନ୍ଧୁ ଜେନା, ଅମରବିଳାସ ବେହେରା, ରାଜକିଶୋର ସାହୁ, ବିଚିତ୍ର ବିହାରୀ ଦାସ, ସନ୍ତୋଷ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ଅଧୀକ୍ଷକଙ୍କୁ ରିପୋର୍ଟ ଦେଲା ତଦନ୍ତ କମିଟି

ଏମ୍‌କେସିଜିରୁ ଇଞ୍ଜେକଶନ୍ ଚୋରି ଘଟଣା

ବ୍ରହ୍ମପୁର,୨୨।୭ (ସୁବାସ ଚନ୍ଦ୍ର ପାଢ଼ୀ)

ମହାରାଜା କୃଷ୍ଣଚନ୍ଦ୍ର ଗଜପତି( ଏମ୍‌କେସିଜି) ମେଡିକାଲ କଲେଜ ଓ ହସ୍ପିଟାଲରୁ ଇଞ୍ଜେକଶନ୍ ଚୋରି ଘଟଣାକୁ ନେଇ ଗତ ୧୯ତାରିଖରୁ ଆରମ୍ଭ ହୋଇଥିବା ତଦନ୍ତ ଶନିବାର ସରିଛି । ତଦନ୍ତ ରିପୋର୍ଟ ଅଧୀକ୍ଷକଙ୍କୁ ଦିଆଯାଇଥିବା ଏମକେସିଜି ତଦନ୍ତ କମିଟି ମୁଖ୍ୟ ରେଜିଷ୍ଟ୍ରାର ସଂଗ୍ରାମ ପଣ୍ଡା କହିଛନ୍ତି । ଚୋରି କିଏ କରିଥିଲା ତାହା ପୋଲିସ ତଦନ୍ତ କରୁଛି । ଏମକେସିଜିରେ ଆଭ୍ୟନ୍ତରୀଣ ତଦନ୍ତ କମିଟି କେବଳ ଚୋରିକୁ କେମିତି ରୋକାଯାଇପାରିବ ସେ ନେଇ ଏକ ରିପୋର୍ଟ ଦାଖଲ କରିଛି । ଅନ୍ୟପକ୍ଷରେ ସମସ୍ତ ମେଡିସିନ ଷ୍ଟୋର କର୍ମଚାରୀ, ସିକ୍ୟୁରିଟି ଓ ଆଟେଣ୍ଡାଣ୍ଟମାନଙ୍କୁ ତଦନ୍ତ ପରିସର କରାଯାଇଥିଲା ।

ପୁରୁଣା ଇନ୍‌ଡୋର କୋଠାରୁ ଜବତ ହୋଇଥିବା ଆଣ୍ଟିବାୟୋଟିକ୍ ଇଞ୍ଜେକସଶନ ଚୋରି ହୋଇଥିଲା ବୋଲି ଅଭିଯୋଗ ପରେ ରେଜିଷ୍ଟ୍ରାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଷ୍ଟୋର ମେଡିକାଲ ଅଫିସର ଆସୋସିଏଟ୍ ପ୍ରଫେସର ଅଭିନାଶ ପଣ୍ଡା, ଆକାଉଣ୍ଟ ଅଫିସର ଏସ୍.ସୁଧାକର, ହସ୍ପିଟାଲ୍ ମ୍ୟାନେଜର ସିଦ୍ଧାର୍ଥ ପ୍ରଧାନଙ୍କୁ ନେଇ ତଦନ୍ତ କମିଟି ଗଠନ ହୋଇଥିଲା । ଏହି କମିଟି ବିଭିନ୍ନ ଦିଗକୁ ଆଧାର କରି ତଦନ୍ତ କରିଥିଲା । ଏହି ଇଞ୍ଜେକସନ୍ ଚୋରି ଧରାପଡିବା ପରେ ଷ୍ଟୋରରେ ଥିବା ଅନ୍ୟ ଔଷଧ ଓ ଇଞ୍ଜେକସନ୍ ମଧ ଅଡିଟ୍ କରିବାକୁ ନିଷ୍ପତ୍ତି ହୋଇଛି । ଏମକେସିଜିରେ ୪ଶହରୁ ଅଧିକ ଔଷଧ ଓ ୨ଶହରୁ ଉର୍ଦ୍ଧ୍ୱ ଇଞ୍ଜେକସନ୍ ରୋଗୀଙ୍କ ପାଇଁ ରହିଛି । ନିରାମୟରୁ କେତେ ଯୋଗାଣ ହୋଇଛି ଏବଂ କେତେ ଟଙ୍କାର କେଉଁ କେଉଁ ଔଷଧ ସ୍ଥାନୀୟ ବଜାରରୁ କିଣାଯାଇଛି ତାହାର ଅଡିଟ୍ କରି ରିପୋର୍ଟ ମଧ ପ୍ରସ୍ତୁତ ହେବ ବୋଲି ସେ କହିଛନ୍ତି । ମେଡିକାଲ ଫାଣ୍ଡି ପୋଲିସ ଚୋର ଧରିବାକୁ ଯାଇ ପୁରୁଣା କୋଠାରୁ ଗତ ୧୦ତାରିଖ ରାତିରେ ଅଖାରେ ଭର୍ତ୍ତି ରହିଥିବା ଇଞ୍ଜେକସନ୍ ବକ୍ସ ଜବତ କରିଥିଲା । ଯେଉଁମାନେ ଏଥିରେ ସଂପୃକ୍ତ ଅଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି ।

# ବିଶ୍ୱବିଦ୍ୟାଳୟରେ ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ବକ୍ତା, କୁଳପତି ଓ ଅଧାପକ ।

ବ୍ରହ୍ମପୁର, ୨୨।୭ (ତନୁଶ୍ରୀ ନାହାକ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନୂତନ କନଫରେନସ ହଲଠାରେ ଶନିବାର 'ସମ୍ବିଧାନ ପ୍ରଣୟନ ସଭା ଏବଂ ସମାନ ନାଗରିକ ସଂହିତି' ସମ୍ପର୍କିତ ଏକ ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ଼. ରାଜେଶ ସେଠଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ମୁଖ୍ୟ ଅତିଥି , ପିଜି କାଉନସିଲ ଅଧ୍ୟକ୍ଷ ଡ଼.ସୁଶାନ୍ତ କୁମାର ବରାଳ ସମ୍ମାନିତ ଅତିଥି ଓ ପୂର୍ବତନ ରାଷ୍ଟ୍ରପତି କେଆର ନାରାୟଣ ରାଓଙ୍କ ଓଏସଡ଼ି ସତ୍ୟନାରାୟଣ ସାହୁ ଉପସ୍ଥିତ ରହିଥିଲେ । ବକ୍ତୃତାରେ ମୁଖ୍ୟବକ୍ତା ପୂର୍ବତନ ଓଏସଡ଼ି ସାହୁ ଭାରତୀୟ ସମ୍ବିଧାନରେ ନୂତନ ଶୃଙ୍ଖଳିତ ଡ୍ରେସର ବ୍ୟବହାର ସମ୍ପର୍କରେ ଚର୍ଚ୍ଚା କରିଥିଲେ ।

ଏହିପରି ଅଚାନକ ଭାବେ ଏହି ନିୟମ ଲାଗୁ କରାଗଲେ ଦେଶରେ ସଂଖ୍ୟାଲଘୁ ଗୋଷ୍ଠୀ ଓ ସାଧାରଣ ନାଗରିକଙ୍କ ମଧ୍ୟରେ କଣ ଅସୁବିଧା ସୃଷ୍ଟି ହେବ ଏବଂ ଉତ୍ତେଜନା ହେବ ସେ ଉପରେ ଦୃଷ୍ଟି ଦେଇଥିଲେ । ପୁଣି ନାଗରିକଙ୍କ ମତାମତକୁ ଗ୍ରହଣ କରି ଏହି ନିୟମ କିପରି ଭାବେ ଲାଗୁ କରାଯାଇ ପାରିବ ସେ ଦିଗରେ ମଧ ଆଲୋକପାତ କରିଥିଲେ । ସେହିପରି କୁଳପତି ପ୍ରଫେସର ଦାସ ଏହି ନିୟମ ଲାଗୁହେବା ଦ୍ୱାରା ସାମାଜିକ ଓ ରାଜନୈତିକ ସ୍ତରରେ ମହିଳାଙ୍କ ମଧ୍ୟରେ ଉନ୍ନତି ଓ ବିକାଶ କିଭଳି ଆସିପାରିବ ସେ ସମ୍ପର୍କରେ ଗୁରୁତ୍ୱ ଦେଇଥିଲେ । ଏହି ସ୍ୱତନ୍ତ୍ର ବକ୍ତୃତା ମାଳା କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରାଜନୀତୀ ବିଜ୍ଞାନ ବିଭାଗ ସମେତ ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ବିଭିନ୍ନ ମହାବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ଏବଂ ଗବେଷକ ଉପସ୍ଥିତ ରହିଥିଲେ । ରାଜନୀତି ବିଜ୍ଞାନ ବିଭାଗ ପ୍ରଫେସର ଡ଼.ସାରଦା ପ୍ରସନ୍ନ ରାଉତ ଓ ପ୍ରଫେସର ସଜୟ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଋଷିକୁଲ୍ୟା ଜିଲା ଗଠନ ଦାବି ଜୋର

ଆସିକା,୨୨।୭ (ସୁରେନ୍ଦ୍ର ନାଥ ସାହୁ)

ଆସିକା ଓକିଲ ସଂଘର ଏକ ବୈଠକ ଶନିବାର ସଂଘ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା । ସଂଘର ସଭାପତି ରବୀନ୍ଦ୍ରନାଥ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସଭାପତି ଛବିଳରାମ ମିଶ୍ର, ସଂପାଦକ ନାରାୟଣ ମୁନି, ବରିଷ୍ଠ ଆଇନଜୀବି ସୁରେନ୍ଦ୍ରନାଥ ପଣ୍ଡା, ସରୋଜ କୁମାର ତ୍ରିପାଠୀ, ଅଜିତ ଚୌଧୁରୀ, ସନ୍ତୋଷ ପାଣିଗ୍ରାହୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ବୈଠକରେ ଓକିଲ ସଂଘ ପକ୍ଷରୁ ଦୀର୍ଘଦିନ ଧରି ହୋଇ ଆସୁଥିବା ଋଷିକୂଲ୍ୟା ଜିଲ୍ଲା ଗଠନ ଲାଗି ସରକାରୀ ଅବହେଳା ନେଇ ତୀବ୍ର କ୍ଷୋଭ ପ୍ରକାଶ କରାଯାଇଥିଲା । ଏହି ଦାବିକୁ ଜୋରଦାର କରିବା ଓ ଏ ସମ୍ପର୍କରେ ଚୁଡାନ୍ତ ରୂପରେଖ ଲାଗି ଆସନ୍ତା ମଙ୍ଗଳବାର ସଂଘର ଏକ ବୈଠକରେ ଚୁଡାନ୍ତ ନିଷ୍ପତ୍ତି ନେବା ଲାଗି ଆଲୋଚନା କରାଯାଇଥିଲା ।

